ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**ସପ୍ତାହ ସଂଖ୍ୟା-୦୭**

Deepanjali Dugal,
Jr. Agrometeorologist

ବୁଲେଟିନ ନମ୍ବର :୧୪
ତାରିଖ : ୧୬.୦୨.୨୦୨୪
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୦.୦୨.୨୦୨୪ ରୁ ୧୬.୦୨.୨୦୨୪)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୮.୫-୩୩.୫ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୩.୮-୨୧.୨ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୧ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 17-02-2024 | 0 | 32 | 18 | 1 | 70 | 19 | 6 | 180 |
| 18-02-2024 | 0 | 33 | 18 | 0 | 85 | 16 | 8 | 90 |
| 19-02-2024 | 0 | 34 | 19 | 0 | 94 | 19 | 8 | 118 |
| 20-02-2024 | 0 | 34 | 19 | 1 | 84 | 23 | 9 | 163 |
| 21-02-2024 | 0 | 35 | 20 | 1 | 60 | 18 | 11 | 195 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୬-୧୧ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୨°c-୩୫°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୮°c-୨୦°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୦ ରୁ ୯୪ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୬ ରୁ ୨୩ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ❖ ଧାନ ଫସଲରେ ଗର୍ଭଧାରଣ ଅବସ୍ଥା, କେଣ୍ଡା ବାହାରିବା ଅବସ୍ଥା, ଫୁଲ ଉଡାଇବା ଓ କ୍ଷୀର ଢୋକିବା ଅବସ୍ଥା ହେଉଛି ସଙ୍କଟ କାଳୀନ ସମୟ। ତେଣୁ ଫସଲ ସଙ୍କଟ କାଳରେ ନିଶ୍ଚିତ ଭାବେ ଜଳସେଚନ କରନ୍ତୁ ।
- ❖ ଧାନରେ ଉକୁଣିଆ ପୋକ ଦେଖାଗଲେ, ଏକର ପ୍ରତି ୮୦୦ ମି.ଲି. Azadirachtin କିମ୍ବା ୨୦୦ ମି.ଲି. Lambda cyhalothrin କିମ୍ବା Thiamethoxam ୨୫% W.G. ୪୦ ଗ୍ରାମ ପ୍ରୟୋଗ କରନ୍ତୁ ।

**ଧାନ(ଡାଲୁଅ):**

କେବଳ ଚଉଡା ପତ୍ରିଆ ଘାସ ଦମନ ପାଇଁ ଏକର ପ୍ରତି ୮ ଗ୍ରାମ Metsulfuron methyl ଏବଂ Chlorimuronethyl ର ମିଳିତ ଘାସମରା ଔଷଧ, ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ଆଖୁ:**

ଅମଳ ପରେ ଆଖୁଗଦାକୁ ଉଈ ଆକ୍ରମଣରୁ ରକ୍ଷା କରିବା ପାଇଁ ୩୦ ମିଲି Bifenthrin ନାମକ କୀଟନାଶକ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ହରଡ:**

ହରଡ ଫସଲରେ ଛୁଇଁବିନ୍ଧା ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମି.ଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏହାର ୭-୧୦ଦିନ ପରେ ଏକର ପ୍ରତି ୪୦୦ଗ୍ରାମ Bacillus thuringenesis ୨୦୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ମି.ଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ କିମ୍ବା ୪୦୦ମିଲି Profenophos ନାମକ କୀଟନାଶକ କିମ୍ବା ୯୦ ଗ୍ରାମ Emamectin benzoate ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଚିନାବାଦାମ:**

ଚିନାବାଦାମରେ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମି.ଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୮୦ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୬୫ମିଲି Spinosad ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଝୁଡଙ୍ଗ:**
ଝୁଡଙ୍ଗ ଫସଲରେ ଶୋଷକ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractinକୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୫୦ଗ୍ରାମ Acetamiprid ନାମକ କୀଟନାଶକ କିମ୍ୱା ୪୦୦ମିଲି Fenobucarb ନାମକ କୀଟନାଶକ କିମ୍ୱା ୪୦୦ମିଲି Tolfenpyrad ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**କାକୁଡି ଓ କଲରା:**
କାକୁଡି ଓ କଲରା ଫସଲରେ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractinକୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ମିଲି Chlorpyriphos ନାମକ କୀଟନାଶକ କିମ୍ୱା ୪୦୦ମିଲି Profenophos ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଆଳୁ:**
ଆଳୁର କିସମ ଏବଂ ମାଟି ଅନୁଯାୟୀ ଆଳୁ ଲଗାଇବା ଠାରୁ ୭୫ ରୁ ୮୫ ଦିନ ମଧ୍ୟରେ ପ୍ରାୟତଃ ଆଳୁ ଅମଳ ହୋଇଥାଏ। ଆଳୁ ଗଛର ପତ୍ର ହଳଦିଆ ବାଦାମି ରଙ୍ଗ ହୋଇଗଲା ପରେ ଅମଳ କରନ୍ତୁ। ଆଳୁ ଖୋଳିବାର ୧୫ଦିନ ପୂର୍ବରୁ ଜମିରେ ପାଣି ମଡାନ୍ତୁ ନାହିଁ। ଆଳୁଅମଳ ପରେ ପଚା ଏବଂ କଟା ଆଳୁ ଗୁଡିକୁ ବାଛି ବାହାର କରି ଦିଅନ୍ତୁ। ଆଳୁ ଗୁଡିକୁ ୪୮ଘଣ୍ଟା ଛାଇରେ ଶୁଖାଇ ଜାଲି ଅଖାରେ ରଖନ୍ତୁ।

**ଆମ୍ବ:**
ବର୍ତମାନ ପାଗରେ ଆମ୍ବରେ ଦହିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଫେବୃଆରୀ ଓ ମାର୍ଚ୍ଚ ମାସରେ Dimethoate ୩୦ EC @ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ତରଭୁଜ:**
ବର୍ତମାନ ତରଭୁଜ ଚାଷ ପାଇଁ ଉପଯୁକ୍ତ ସମୟ । ଉର୍ନତ କିସମ ଯଥା ସୁଗାର ବେବି, ଅର୍କ ମାଣିକ, ଲାଲ ସୋନା ଓ ଶଙ୍କର ବା ହାଇବ୍ରୀଡ କିସମ ଯଥା ମାଧୁରୀ, ମାୟା, ସୁଇଟ ରୁବି, ବ୍ଲାକ ମ୍ୟାଜିକ ଓ ସୁଗାର ପ୍ୟାକ ଆଦି କିସମ ଲଗାନ୍ତୁ । ଏକ ଏକର ପାଇଁ ୪୦୦ ରୁ ୮୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମଞ୍ଜି ଲଗାଇବା ପୂର୍ବ ରୁ ପ୍ରତି କିଲୋଗ୍ରାମ ମଞ୍ଜି କୁ ୧ ଗ୍ରାମ carbendazim ରେ ବିଶୋଧନ କରନ୍ତୁ ।

**ମତ୍ସ୍ୟ ସମ୍ପଦ:**
ମାଛର ଧବଳ ରୋଗ ହେଲେ ଧଳା ଧଳା ଭାତୁଡି ଭଳି ଚିହ୍ନ ଦେଖାଯାଏ ଓ ହାତକୁ ଖଦଡା ଲାଗେ । ଏହାର ପ୍ରତିକାର ପାଇଁ ୨୦୦ ଲିଟର ପାଣି ରେ ୫୦୦ ଗ୍ରାମ ଗୋଟା ଲୁଣ ଭଲ ଭାବେ ମିଶାଇ ଆକ୍ରାନ୍ତ ମାଛକୁ ୫ ମିନିଟ ବୁଡାଇ ପୋଖରୀରେ ଛାଡନ୍ତୁ । ଏହି ପ୍ରକ୍ରିୟା ୭ ରୁ ୧୦ ଦିନ ପର୍ଯ୍ୟନ୍ତ କରନ୍ତୁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।
ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot)**
**(iOS: https://apps.apple.com/in/app/meghdoot/id1474048155)**